# NATIONAL NEWS BULLETIN (ODIA)

## 11 September 2026

### Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀ ଲାଗି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ପ୍ରସ୍ତୁତି କାର୍ଯ୍ୟ ।
- ଭାରତ-ଜର୍ମାନୀ ରଣନୈତିକ ଭାଗିଦାରିକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ଦେଶ ଦୋହରାଇଛନ୍ତି ପ୍ରତିବଦ୍ଧତା ।
- ଶୂନ୍ୟ ମୃତାହତ ଦୃଷ୍ଟିକୋଣ ଅଧୀନରେ ବିପର୍ଯ୍ୟୟ ପ୍ରତିରୋଧକ ଗ୍ରାମ ଓ ସହର ପ୍ରତିଷ୍ଠା ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- କଙ୍ଗୋରେ ଦୁଇଟି ସଂଲଗ୍ନ ବିଦ୍ୟାଳୟରେ ଅଗ୍ନିକାଣ୍ଡ ଯୋଗୁଁ ପ୍ରାୟ ୨୬ ଶିକ୍ଷାର୍ଥୀଙ୍କର ମୃତ୍ୟୁ ।

ଏବଂ

- ମହିଳା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୨୦୨୬ର ଫାଇନାଲ୍‌ରେ ପ୍ରବେଶ କଲା ଭାରତ ।

# ବ୍ରିକ୍ସ-ସମିଟ୍

ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀ ଲାଗି ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଭାରତ ମଣ୍ଡପମ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇ ଦିନିଆ ସମ୍ମିଳନୀରେ ଭାରତ, ବ୍ରାଜିଲ୍ ଚୀନ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷ, ସାଉଦିଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟସ୍ ଭଳି ୧୧ଟି ପ୍ରମୁଖ ବିକାଶଶୀଳ ଅର୍ଥନୀତି ଯୁକ୍ତ ରାଷ୍ଟ୍ରଗୁଡ଼ିକ ଯୋଗଦେବେ । ଚଳିତ ବର୍ଷର ବିଷୟବସ୍ତୁ ରହିଛି, 'ସ୍ଥିରତା, ନବସୃଜନ, ସହଯୋଗ ଏବଂ ନିରନ୍ତରତା ଲାଗି ନିର୍ମାଣ' ।

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍, ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସାଇରିଲ୍ ରାମାଫୋସା, ଇଜିପ୍ଟ ରାଷ୍ଟ୍ରପତି ଆବ୍‌ଦେଲ ଫତା ଏଲ୍-ସିସି, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋଓ ସୁବିୟାନ୍ତୋ, ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍, ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍‌ନାହିୟାଁ ଏବଂ ଇଥିଓପିଆର ପ୍ରଧାନମନ୍ତ୍ରୀ ଆବିୟ ଅହମ୍ମଦ ଅଲ୍ଲିଙ୍କ ସମେତ ବହୁ ବିଶ୍ୱ ନେତୃବୃନ୍ଦ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ । ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଏବଂ ଭିଏତ୍‌ନାମର ପ୍ରଧାନମନ୍ତ୍ରୀ ଲେ ମିନ୍ ହୁଙ୍ଗ୍ ମଧ୍ୟ ଏହି ସମ୍ମିଳନୀରେ ଯୋଗଦେବେ । ବ୍ରାଜିଲ୍‌ର ବୈଦେଶିକ

ବ୍ୟାପାର ମନ୍ତ୍ରୀ ମାଓରୋ ଭିରା ଓ ସାଉଦିଆରବର ବୈଦେଶିକ ମନ୍ତ୍ରୀ ପ୍ରିନ୍ସ ଫଇସାଲ୍ ବିନ୍ ଫର୍ହାଁ ଅଲ୍ ସାଉଦ୍ ନିଜ ନିଜ ଦେଶ ଲାଗି ଏହି ସମ୍ମିଳନୀରେ ପ୍ରତିନିଧିତ୍ୱ କରିବେ । ଏତଦ୍ ବ୍ୟତୀତ ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଡକ୍ଟର ଟେଡ୍ରସ୍ ଆଧାନମ୍ ଘେବ୍ରିଏସସ୍ ଏବଂ ନୂତନ ବିକାଶ ବ୍ୟାଙ୍କ୍ର ଅଧ୍ୟକ୍ଷ ଡିଲମା ରାଓସେଫ୍ଙ୍କ ସମେତ ଅନ୍ୟ କେତେକ ଆନ୍ତର୍ଜାତିକ ସଂଗଠନର ମୁଖ୍ୟ ମଧ୍ୟ ଏହି ଦୁଇ ଦିନିଆ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଏହି ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ଙ୍କ ସହିତ ଦ୍ୱିପକ୍ଷିୟ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି । ବୈଠକରେ ଯୋଗଦେବା ଲାଗି ରୁଷ ରାଷ୍ଟ୍ରପତି ଏବଂ ବ୍ରାଜିଲ୍ର ବୈଦେଶିକ ମନ୍ତ୍ରୀ ଗତ ରାତିରେ ନୂଆଦିଲ୍ଲୀରେ ପହଞ୍ଚି ସାରିଛନ୍ତି ।

'ମାନବତା ପ୍ରଥମ' ଚିନ୍ତାଧାରା ଆଧାରିତ ଲୋକକୈନ୍ଦ୍ରିକ ଆଭିମୁଖ୍ୟ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଥିବା ଭିତ୍ତିଭୂମି, ନବସୃଜନ, ସହଯୋଗ ଏବଂ ସ୍ଥିରତା ପାଇଁ ନିର୍ମାଣ ପ୍ରସଙ୍ଗ ଆଧାରରେ ଭାରତ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ ।

# ପିଏମ୍-ଜର୍ମାନ ଚାନ୍ସେଲର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଜର୍ମାନ୍ ଚାନ୍ସେଲର ଫ୍ରେଡ୍ରିକ୍ ମର୍ଜ୍‌ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ-ଜର୍ମାନ କୂଟନୀତି ସମ୍ପର୍କର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ବାଣିଜ୍ୟ ଓ ପୁଞ୍ଜିନିବେଶ, ପ୍ରତିରକ୍ଷା, ସ୍ୱଚ୍ଛ ଶକ୍ତି, ଆଧୁନିକ ବୈଷୟିକ ଜ୍ଞାନକୌଶଳ ଆଦି ପ୍ରମୁଖ କ୍ଷେତ୍ରରେ ରଣନୈତିକ ଭାଗିଦାରିକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ଦେଶ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି ।

ୟୁରୋପ ସହିତ ଭାରତର ସମ୍ପର୍କ ଦିଗରେ ଜର୍ମାନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଏତଦ୍ ବ୍ୟତୀତ ବିଶ୍ୱ ସ୍ତରରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ବଜାୟ ରଖିବା ଦିଗରେ ମଧ୍ୟ ୟୁରୋପ ଭାରତର ଏକ ମହତ୍ୱପୂର୍ଣ୍ଣ ଭାଗିଦାରୀ ରାଷ୍ଟ୍ର ଭାବେ ପରିଚିତ । ଉଭୟ ଦେଶବାସୀଙ୍କର ସ୍ୱାର୍ଥ ଲାଗି ରଣନୈତିକ ଭାଗିଦାରିକୁ ଅଧିକ ସୁଦୃଢ଼ କରିବା ଦିଗରେ ଭାରତ ଓ ଜର୍ମାନ ପ୍ରଚେଷ୍ଟା ଜାରି ରଖିବେ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

# ଶିବରାଜ

ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗତକାଲି ନୂଆଦିଲ୍ଲୀଠାରେ ଡିଜିଟାଲ୍ ଭାରତ ଭୂମି ରେକର୍ଡ଼ ଆଧୁନିକୀକରଣ କାର୍ଯ୍ୟକ୍ରମ – **DILRMP 3.0** ର କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଚୌହାନ କହିଛନ୍ତି, ଦେଶର ଗ୍ରାମାଞ୍ଚଳରେ ରହୁଥିବା ନାଗରିକ ତଥା କୃଷକ ଏବଂ ସମ୍ପତ୍ତି ମାଲିକମାନଙ୍କ ଲାଗି ଜୀବନଶୈଳୀରେ ଉନ୍ନତି ଆଣିବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ । ଭାରତରେ ଜମି ସାଧାରଣତଃ ଭାବାବେଗ ଏବଂ ପାରିବାରିକ ସମ୍ପର୍କ ସହିତ ନିବିଡ଼ ଭାବେ ଜଡ଼ିତ । ତେଣୁ ଏହାର ଦସ୍ତାବିଜକୁ ଅଧିକ ସଠିକ୍ ତଥା ଉପଲବ୍ଧ କରାଇବା ଦିଗରେ ସରକାର ଏହି ପଦକ୍ଷେପ ନେଇଛନ୍ତି । ଏହାଦ୍ୱାରା ଜନସାଧାରଣଙ୍କୁ ବାରମ୍ବାର ଆଉ ସରକାରୀ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ।

**V/O**

# ଶାହା-ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ

ଶୂନ୍ୟ ମୃତାହତ ଦୃଷ୍ଟିକୋଣ ଅଧୀନରେ ବିପର୍ଯ୍ୟୟ ପ୍ରତିରୋଧକ ଗ୍ରାମ ଓ ସହର ପ୍ରତିଷ୍ଠା ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଏନ୍.ଆଇ.ଡି.ଏମ୍.ର ପରିଚାଳନା ପରିଷଦର ତୃତୀୟ ବୈଠକରେ ଅଧ୍ୟକ୍ଷତା କରି ସେ ଏହା କହିଛନ୍ତି ।

ଶ୍ରୀ ଶାହା କହିଛନ୍ତି, ଶୂନ୍ୟ ମୃତାହତ ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଦେଶର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ରୂପାନ୍ତରିକରଣ କରିସାରିଛନ୍ତି । ସରକାର ମୁଖ୍ୟତଃ ତିନୋଟି ପ୍ରସଙ୍ଗ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ସେଗୁଡ଼ିକ ହେଲା – ବିପଦ ହ୍ରାସ କରିବା, ପ୍ରାରମ୍ଭିକ ସତର୍କ ସୂଚନା ପ୍ରଦାନ କରିବା ଏବଂ ଶୂନ୍ୟ ମୃତାହତ ଲକ୍ଷ୍ୟ ହାସଲ କରିବା । ତେବେ ଏହି ଲକ୍ଷ୍ୟ କେବଳ ବିପର୍ଯ୍ୟୟ ସ୍ଥଳ ପର୍ଯ୍ୟନ୍ତ ସୀମିତ ନ ରହି ବିପର୍ଯ୍ୟୟକୁ ପ୍ରତିରୋଧ କରିବା କ୍ଷେତ୍ରରେ କାର୍ଯ୍ୟକାରୀ କରିବା ଉପରେ ଶ୍ରୀ ଶାହା ଗୁରୁତ୍ୱ ଦେଇଛନ୍ତି ।

ସେ କହିଛନ୍ତି, ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଏନ୍.ଡି.ଏମ୍.ଏ. ଏବଂ ଏନ୍.ଆଇ.ଡି.ଏମ୍. ଉଭୟ ଜଳବାୟୁ ପରିବର୍ତ୍ତନ

ତଥା ବିଶ୍ୱସ୍ତରରେ ବୃଦ୍ଧି ପାଉଥିବା ତାପମାତ୍ରାରୁ ସୃଷ୍ଟି ହେଉଥିବା ବିପର୍ଯ୍ୟୟ ବିପଦକୁ ଦୃଷ୍ଟିରେ ରଖି ନୀତି ନିର୍ଦ୍ଧାରଣଠାରୁ ଆରମ୍ଭ କରି ତାଲିମ୍ ଏବଂ କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତି କ୍ରମେ ବିପର୍ଯ୍ୟୟ ପାଣ୍ଠିର ବଣ୍ଟନ ମଧ୍ୟ ଏକ ବୈଜ୍ଞାନିକ ପଦ୍ଧତି ଅନୁଯାୟୀ କରାଯାଉଛି । ଏସ୍.ଡି.ଆର୍.ଏଫ୍. ଅଧୀନରେ ଆବଣ୍ଟନ ୪ ଗୁଣ ବୃଦ୍ଧି କରାଯାଇଥିବା ବେଳେ ଏନ୍.ଡି.ଆର୍.ଏଫ୍. ଅଧୀନରେ ଏହାକୁ ତିନିଗୁଣ ବୃଦ୍ଧି କରାଯାଇଛି । ସେହିଭଳି ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା ମୋବାଇଲ୍ ଆପ୍ଲିକେଶନ୍‌ର କାର୍ଯ୍ୟକାରିତା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ଶିବରାଜ-ସିଡ୍ ଆକ୍ଟ

ପ୍ରସ୍ତାବିତ ନୂତନ ବିହନ ଆଇନ୍ ଅଧୀନରେ କୃଷକମାନଙ୍କର ଅଧିକାରକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯାଇଛି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ସେ କହିଛନ୍ତି, ପାରମ୍ପରିକ ଏବଂ ଚାଷୀମାନଙ୍କର ବିହନ କିଶମ ଉପରେ ଏଥିଲାଗି କୌଣସି ପ୍ରତିବନ୍ଧକ ଲଗାଯାଇ ନାହିଁ । ଗତକାଲି ନୂଆଦିଲ୍ଲୀଠାରେ ଦେଶର ବିଭିନ୍ନ କୃଷକ ସଂଗଠନର ନେତୃବୃନ୍ଦଙ୍କ ସହିତ ଏହି ପ୍ରସ୍ତାବିତ ନୂତନ ବିହନ

ଆଇନ୍ ସମ୍ପର୍କିତ ପରାମର୍ଶଦାତା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଚୌହାନ ଏହି ମତ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ବର୍ତ୍ତମାନର ବିହନ ଆଇନ୍ ୧୯୬୬ ମସିହାରେ ଲାଗୁ କରାଯାଇଥିଲା । ୧୯୮୩ ମସିହାରେ ବିହନ ନିୟନ୍ତ୍ରଣ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରାଯାଇଥିଲା । ତେବେ ବର୍ତ୍ତମାନର ବାସ୍ତବ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏ କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ଆହ୍ୱାନର ସଫଳତାର ସହ ମୁକାବିଲା ଲାଗି ଏହି ପ୍ରସ୍ତାବିତ ନୂତନ ଆଇନ୍ ସରକାର ଆଣିଛନ୍ତି ବୋଲି କୃଷି ମନ୍ତ୍ରୀ କହିଛନ୍ତି ।

## ଆଇଏମ୍ଏଫ୍-ଇଣ୍ଡିଆ

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି – ଆଇ.ଏମ୍.ଏଫ୍. ଭାରତକୁ ବୈଶ୍ୱିକ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନ୍ ଭାବେ ଅଭିହିତ କରିଛି । ଆଇ.ଏମ୍.ଏଫ୍.ର ଯୋଗାଯୋଗ ବିଭାଗର ନିର୍ଦ୍ଦେଶକ ଜୁଲି କୋଜାକ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଭାରତର ଅର୍ଥନୀତି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରିମାସିକରେ ୭ ଦଶମିକ୍ ୮ ପ୍ରତିଶତ ସମ୍ପ୍ରସାରିତ ହେବା ପରେ ଭାରତ ବୈଶ୍ୱିକ ଅଭିବୃଦ୍ଧି ଦିଗରେ ସହାୟକ ହେବାର ଆଶା ଉଜ୍ଜ୍ୱଳ ହୋଇଛି । ବିଶେଷ କରି ଆନ୍ତର୍ଜାତିକ ସ୍ତରରେ ଶକ୍ତି ମୂଲ୍ୟ କ୍ଷେତ୍ରରେ ଅନିଶ୍ଚିତତା ସତ୍ତ୍ୱେ ସେବା ଏବଂ ରପ୍ତାନୀ କ୍ଷେତ୍ରରେ ଆଶାତିତ ପ୍ରଦର୍ଶନ ଲାଗି ଭାରତ ଏହି ସଫଳତା ହାସଲ କରିଛି ବୋଲି ସେ କହିଛନ୍ତି ।

## ଏନ୍‌ଟିଏ

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ପକ୍ଷରୁ ୟୁ.ଜି.ସି. ନେଟ୍ ଜୁନ୍ ୨୦୨୬ର ପୁନଃ ପରୀକ୍ଷା କରାଯାଇଥିବା ଇଂରାଜୀ, ବାଣିଜ୍ୟ ଓ ସାମାଜିକ ବିଜ୍ଞାନ ବିଷୟର ପ୍ରୋଭିଜନାଲ୍ ଉତ୍ତର ଜାରି କରାଯାଇଛି । ଆସନ୍ତା ୧୩ ତାରିଖ ମଧ୍ୟରେ  ଅଫିସିଆଲ୍ ୟୁଜିସି ନେଟ୍ ପୋର୍ଟାଲ୍ ମାଧ୍ୟମରେ ପ୍ରାର୍ଥୀମାନେ ଏହି ଉତ୍ତରକୁ ଚ୍ୟାଲେଞ୍ଜ କରିପାରିବେ ବୋଲି ଏନ୍.ଟି.ଏ. କହିଛି ।

## କଙ୍ଗୋ-ସ୍କୁଲ୍ ଫାୟାର୍

ପୂର୍ବ କଙ୍ଗୋର ବୁଖାବୁ ସହରରେ ଦୁଇଟି ସଂଲଗ୍ନ ବିଦ୍ୟାଳୟରେ ଅଗ୍ନିକାଣ୍ଡ ଯୋଗୁଁ ପ୍ରାୟ ୨୬ ଶିକ୍ଷାର୍ଥୀଙ୍କର ମୃତ୍ୟୁ ହେବା ସହିତ ଅନେକ ଆହତ ହୋଇଛନ୍ତି । ସ୍ଥାନୀୟ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ ମୃତକଙ୍କ ମଧ୍ୟରେ ୧୯ ଜଣ ଛାତ୍ରୀ ଏବଂ ୭ ଜଣ ଛାତ୍ର ଅନ୍ତର୍ଭୁକ୍ତ । ତେବେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି କୁହାଯାଇଛି । ସ୍ଥାନୀୟ ଏକ ବାସଗୃହରୁ ଏହି ନିଆଁ ଦୁଇଟି ସଂଲଗ୍ନ ବିଦ୍ୟାଳୟକୁ ବ୍ୟାପିଥିବା ସ୍ଥାନୀୟ ଲୋକେ କହିଛନ୍ତି ।

# ଏସିଆକପ୍ କ୍ରିକେଟ୍

ମହିଳା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୨୦୨୬ର ଫାଇନାଲ୍‌ରେ ଭାରତ ପ୍ରବେଶ କରିଛି । ଗତ ରାତିରେ ଦୁବାଇଠାରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍‌ରେ ଭାରତ ବାଂଲାଦେଶକୁ ୪୦ରନ୍‌ରେ ପରାସ୍ତ କରିଛି । ବାଂଲାଦେଶ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ୍ ହରାଇ ୧୪୯ରନ୍ କରିଥିଲା । ସେଫାଳୀ ବର୍ମା ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

୧୫୦ରନ୍ ବିଜୟ ଲକ୍ଷ୍ୟର ପିଛା କରି ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ହରାଇ ୧୦୯ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା ।

ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍ ଆଜି ଦୁବାଇଠାରେ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୮ଟାରେ ହେବାକୁ ଥିବା ଏହି ମ୍ୟାଚ୍‌ରେ ପାକିସ୍ତାନ’ ଶ୍ରୀଲଙ୍କାକୁ ଭେଟିବ । ଆଜିର ମ୍ୟାଚ୍‌ର ବିଜେତା ଦଳ ଆସନ୍ତା ରବିବାର ଦିନ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତକୁ ଭେଟିବ ।